ପ୍ରେସ୍‌ନୋଟ୍

## ଜିଲ୍ଲା ସଡକ ସୁରକ୍ଷା କମିଟୀ ବୈଠକ ।

## ରାସ୍ତା ମରାମତି ଓ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକୁ କଡାକଡି ପାଳନ କରିବା ଉପରେ ଗୁରୁତ୍ୱ ।

ଅନୁଗୋଳ,ତା.୨୪.୧୨:- ସଡକ ମରାମତି ଅଭାବରୁ ଅନୁଗୋଳ ସହର ଓ ଏହାର ଆଖପାଖ ଅଂଚଳରେ ବାରମ୍ବାର ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟୁଛି । ଉଭୟ ଜାତୀୟ ରାଜପଥ ପ୍ରାଧିକରଣ ଏହି ରାସ୍ତାର ମରାମତି କରିବାର ପ୍ରତିଶୃତି ଦେଇ ପାଳନ ନ କରିବାରୁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିଭାଭଞ୍ଜନ ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ଏହି ଦୁର୍ଘଟଣା ହାରକୁ କିପରି କମାଯାଇପାରିବ ସେଥିପାଇଁ ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବାରୁ ଜାତୀୟ ରାଜପଥ ସଠିକ୍ ସମୟରେ ରାସ୍ତା ମରାମତି କରୁ । ଅନୁଗୋଳ ସହର ମଧ୍ୟରେ ବଡ ବଡ ଗାଡି ବସ ଓ ଟ୍ରକ୍ ପାର୍କିଂ କରୁଥିବାରୁ ଗତ ମାସ ବୈଠକରେ ଗଠିତ ହୋଇଥିବା ଯୁଗ୍ମ କମିଟି ପ୍ରତ୍ୟେକ ଦିନ ଚଢାଉ ଜାରି ରଖିବାକୁ ସ୍ଥିର ହୋଇଛି । ଗୁଡ୍ ସମାରିଟାନ ପୁରସ୍କାର ରାଶି ପାଇବାକୁ ଯୋଗ୍ୟ ବିବେଚିତ ବ୍ୟକ୍ତିଂକ ନାମ ସୁପାରିଶ କରିବାକୁ ପରାମର୍ଶ ଦିଆଯାଇଛି । ପଞ୍ଚମହଲା ଛକରେ ଜାତୀୟ ରାଜପଥ ରାସ୍ତା ପାର୍ଶ୍ୱରେ ବିଜ୍ଞାପନ ବୋର୍ଡ ଲାଗିଥିବାରୁ ଓ ଉଭୟ ପାର୍ଶ୍ୱରେ ଜବର ଦଖଲ ହୋଇଥିବାରୁ ରାସ୍ତା ସ୍ପଷ୍ଟ ଭାବେ ଜଣାପଡୁନାହିଁ । ତୁରନ୍ତ ଏହି ବୋର୍ଡ ଗୁଡିକୁ ଭାଂଗିବା ସହ ଜବରଦଖଲ ହଟାଇବାକୁ ପରାମର୍ଶ ଦିଆଯାଇଛି । ସେହିପରି ଅନ୍ୟ ସ୍ଥାନରେ ଲାଗିଥିବା ବୋର୍ଡ ଗୁଡିକୁ ମଧ୍ୟ ଭଂଗା ଯିବା ପାଇଁ ଏକ ସ୍ୱତନ୍ତ୍ର ସ୍କାର୍ଡ ଗଠନ କରାଯିବ । ଆସନ୍ତା ବଡ ଦିନ ଓ ନୂଆ ବର୍ଷ ପାଳନକୁ ଦୃଷ୍ଟିରେ ରଖି ପିକନିକ୍ କରିବା ଉପରେ କଟକଣା କରାଗଲା । ୨୩ଟି ଥାନା ଅଂଚଳରେ ସ୍କାର୍ଡ ପାର୍ଟି ବୁଲି ଜନସମାଗମ ଓ ଭୋଜି ସ୍ଥଳକୁ ତଦାରଖ କରିବ । ନାଲ୍‌କୋ ରାସ୍ତାରେ ଖାଲ ଖମା ରହି ଡ୍ରେନ୍ ପାଣି ନିଷ୍କାସନ ହୋଇପାରୁନାହିଁ । ଜାତୀୟ ରାଜପଥ ପ୍ରାଧିକରଣ ତୁରନ୍ତ ଏହାର ପ୍ରତିକାର କରିବାକୁ ବୈଠକରେ କଡା ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶଥାଉକି, ଗତ ନଭେମ୍ବର ମାସରେ ଅନୁ ଗୋଳ ଜିଲ୍ଲାରେ ୨୭ଟି ଦୁର୍ଘଟଣା ଘଟିଛି । ଏଥିରେ ୧୪ଟି ଜାତୀୟ ରାଜପଥ/ଜାତୀୟ ରାଜପଥ ପ୍ରାଧିକରଣରେ ଘଟିଥିବାବେଳେ ୧୩ଟି ଦୁର୍ଘଟଣା ଅନ୍ୟାନ୍ୟ ରାସ୍ତାରେ ଘଟିଛି । ଏହି ଦୁର୍ଘଟଣାରେ ୧୯ ଜଣ ମୃତ୍ୟୁବରଣ କରିଥିବାବେଳେ ୧୫ ଜଣ ଗୁରୁତ୍ୱର ଆହତ ହୋଇଛନ୍ତି । ଚଳିତ ବର୍ଷ ଜିଲ୍ଲାରେ ଜାନୁୟାରୀରୁ ଡିସେମ୍ବର ୨୨ ତାରିଖ ମଧ୍ୟରେ ସମୁଦାୟ ୧୬୩ ଜଣ ମୃତ୍ୟୁବରଣ କରିଛନ୍ତି । ପୂର୍ତ୍ତ ବିଭାଗ ଦ୍ୱାରା ଗଞ୍ଜଡା ,କଇଁଥସାହି ରାସ୍ତାରେ ଏସ୍ କର୍ଭ ଥିବାରୁ ସେଠାରେ ରମ୍ବଲର୍ସ ଓ ଧଳା ଚିହ୍ନ ଲଗାଇବାକୁ ପରାମର୍ଶ ଦିଆଯାଇଛି । ଏହାଛଡା ରାସ୍ତାରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଲଗାଇବା ସହ ସତର୍କତା ଓ ସାଂକେତିକ

ଚିହ୍ନ ଦେବାକୁ ପରାମର୍ଶ ଦିଆଯାଇଛି । ଚଳିତ ବର୍ଷ ଜାନୁୟାରୀରୁ ନଭେମ୍ବର ମାସ ପର୍ଯ୍ୟନ୍ତ ବିଭିନ୍ନ ଯାନବହାନ ଯାଂଚ କଡାକଡି ଭାବେ ହୋଇଥିଲା । ବିନା ହେଲମେଟରେ ୨୯୩୧ ଜଣ, ବିନା ସିଟ୍ ବେଲଟ୍‌ରେ ୪୩୧ ଜଣ, ଦ୍ରୁତ ଗତିରେ ଗାଡି ଚଳାଉଥିବା ୨୫୧୦ ଜଣ, ମଦ୍ୟପାନ କରି ଗାଡି ଚଳାଉଥିବା ୮୭ ଜଣ, ଅତ୍ୟଧିକ ମାଲ ପରିବହନ କରୁଥିବା ୪୦୧ଟି ଗାଡି ଓ ୧୫୮୩ ଜଣଂକର ଚାଳକ ଲାଇସେନ୍ସ ରଦ୍ଦ କରାଯାଇଛି । ଏହି ବୈଠକରେ ତାଳଚେର ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରସନ୍ନ କୁମାର ବିଶ୍ୱାଳ, ପୁର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଶ୍ରୀ ସୁଧାଂଶୁ ରଞ୍ଜନ ନାୟକ , ଅଧିସ୍ୱିକୃତ ସାମ୍ବାଦିକ ଶ୍ରୀ ସଂଗ୍ରାମ ରଂଜନ ଦାସ,ତାଳଚେର ତାଳଚେର ଆଂଚଳିକ ପରିବହନ କାର୍ଯ୍ୟାଳୟର ଏ ଏମ୍ ଭି ଆଇ ଶ୍ରୀ ବିପିନ ବିହାରୀ ଦାସ, ଅନୁଗୋଳ ଆଂଚଳିକ ପରିବହନ କାର୍ଯ୍ୟାଳୟର ଏ ଏମ୍ ଭି ଆଇ ଶ୍ରୀ ଗିରିଶ ଚନ୍ଦ୍ର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

